# Akashvani, Sambalpur

## SAMBALPURI NEWS EVENING BULLETIN

## 6 February 2025- 7.02 pm- 7.12 pm.

*********************************************

୧- 'ରାଷ୍ଟ୍ରପ୍ରଥମ୍' ନୀତି ଆଧାରଥି କେନ୍ଦ୍ର ସର୍କାର୍ କାମ୍ କରୁଛନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ୫ ବଛ୍‌ରର୍ ବିକାଶ୍ ଲାଗି ଷୋଡ଼ଶ ଅର୍ଥ କମିଶନ୍ ପାଖେ ସାଢ଼େ ୧୨ ଲାଖ୍ କୋଟିନୁ ଅଏତ୍‌କା ଟଙ୍କାର୍ ଦାବି ରଖ୍‌ଲା ରାଜ୍ୟ ।

୩- ଆଏବା ୧୦ ତାରିଖ୍ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ କଥା ହେବେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ସୁବର୍ଣ୍ଣପୁର୍ କୋଟ୍‌ସମଲେଇଠାନେ ଉଦ୍‌ଯାପିତ୍ ହେଲା ପାତାଳି ଶ୍ରୀକ୍ଷେତ୍ର ମହୋତ୍ସବ୍ ।

ପ୍ରଧାନ୍‌ମନ୍ତ୍ରୀ-ରାଜ୍ୟସଭା ଏନ୍‌ଏସ୍‌ଡି

'ରାଷ୍ଟ୍ରପ୍ରଥମ୍' ନୀତି ଅନୁସରଣ୍ କରିକରି କେନ୍ଦ୍ର ସର୍‌କାର୍ କାମ୍ କରୁଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସଂସଦ୍‌ର ମିଳିତ ଅଧିବେଶନ୍‌ଥି ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉପ୍‌ରେ ଆଏଜ୍ ରାଜ୍ୟସଭା ନ ଧନ୍ୟବାଦ୍ ପ୍ରସ୍ତାବ୍ ଉପ୍‌ରେ ଉତର୍ ରଖିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, କେନ୍ଦ୍ର ସର୍‌କାର୍ ଅନୁସୂଚିତ ଜାତି ଆର୍ ଜନଜାତି ସ୍ୱାର୍ଥର୍ ରକ୍ଷାର୍ ଲାଗି ଏସ୍.ସି- ଏସ୍‌ଟି ସମର୍ଥନ୍ ଆଇନ୍‌କେ ବର୍‌କସ୍ କରିଛନ୍ । ଦିବ୍ୟାଙ୍ଗ ମାନ୍‌କର୍ କଲ୍ୟାଣ୍ ଲାଗି ବହୁତ୍‌ଟେ ପଦକ୍ଷେପ୍ ନେଇଛନ୍ । ତୃତୀୟ ଲିଙ୍ଗି ମାନ୍‌କର୍ ଲାଗି ନ୍ୟାୟିକ ଅଧିକାର୍ ସୁନିଶ୍ଚିତ୍ କରିଛନ୍ । ବହୁତ୍ ଦିନୁ ଦାବି ହେଇ ଆସୁଥିବା ଓବିସି ଆୟୋଗ୍‌କେ ସମ୍ବିଧାନିକ୍ ମାଏନ୍‌ତା ଦେବାର୍‌ଟା ଗୁଟେ ବଡ଼ ପଦକ୍ଷେପ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ୧ - ପ୍ରଧାନ୍‌ମନ୍ତ୍ରୀ)

ଷୋଡ଼ଶ ଅର୍ଥ କମିଶନ-ମୁଖ୍ୟମନ୍ତ୍ରୀ I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାନେ ଆଏଜ୍ ଷୋଡ଼ଶ ଅର୍ଥ କମିଶନ୍ ର ସଦସ୍ୟ ମାନଙ୍କର୍ ସାଙ୍ଗେ

ବୈଠକ ଆଲୋଚନା କରି କରି ୨୦୨୬-୩୧ ମସିଆଥି ରାଜ୍ୟର୍ ବିକାଶ୍ ଲାଗି ୧୨ ଲାଖ୍ ୫୯ ହଜାର ଶହେ ୪୮ କୋଟି ଟଙ୍କା ଦାବି ଉପସ୍ଥାପନ୍ କରିଛନ୍ । ବୈଠକ୍ ଉତ୍ରୁ ରାଜ୍ୟର୍ ଦାବି ବାବ୍ଦେ ସୂଚ୍ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, କେନ୍ଦ୍ରୀୟ ଟିକସ୍ ଆୟନୁ ରାଜ୍ୟର୍ ଭାଗ୍ ୪୧ ପ୍ରତିଶତ୍ନୁ ୫୦ ପ୍ରତିଶତ୍କେ ବଢ଼ାବାର୍ ଲାଗି ଦାବି କରିଛନ୍ । ଓଡ଼ିଶା ଲାଗି କେନ୍ଦ୍ର ସରକାରଙ୍କର୍ ଟିକସ୍ର ଅଂଶ ୪ ଦଶମିକ୍ ୫୨୮ ପ୍ରତିଶତ୍ନୁ ୪ ଦଶମିକ୍ ୮୬୪ ପ୍ରତିଶତ୍କେ ବଢ଼ାବାର୍କେ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଏସ୍ଡିଆର୍ଏଫ୍ ପାଣ୍ଠିକେ ଶହେ ପ୍ରତିଶତ୍ କର୍ବାକେ ସରକାର ଦାବି କରିଛନ୍ ।

( ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

ଅର୍ଥ କମିଶନ ଅଧ୍ୟକ୍ଷ ଅରବିନ୍ଦ ପାନ୍ଗାରିଆଙ୍କର୍ ନେତୃତ୍ୱଥି ୪ ଦିନିଆ ଓଡ଼ିଶା ଗସ୍ତଥି ଆସିଥିବା ୧୫ ଝନିଆ ଦଲ୍ ସାଙ୍ଗେ ମୁଖ୍ୟମନ୍ତ୍ରୀଙ୍କର୍ ବୈଠକ୍ ବେଲେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର୍ ଅନୁ ଗର୍ଗ, ଅର୍ଥ ସଚିବ ଶାଶ୍ୱତ୍ ମିଶ୍ର ଆର୍ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀ ଜନଅଭିଯୋଗ୍ ଶୁଣାଣି  ଭୁବ୍ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣିକେ ଆସୁଥିବା ଲୋକ୍‌ମାନ୍‌କର୍ ଅଭିଯୋଗ୍‌ର ସମାଧାନ୍‌ଥି ଅବହେଳା ଦେଖାଦେଲେ ତୁର୍‌ତି କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ସବୁ ବିଭାଗ୍‌ର ବିଭାଗୀୟ ମୁଖ୍ୟ ପୁଲିସ୍ ଡିଜି, ପୁଲିସ୍ କମିଶନର୍, ଜିଲ୍ଲାପାଲ୍, ଏସ୍.ପି. ଆର୍ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନ୍‌କୁ ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତରଫ୍‌ରୁ ଚିଠି ଲେଖାଯାଇଛେ । ଯେନ୍‌ମାନେ ଅବହେଳା କର୍‌ବେ ସେମାନ୍‌କର୍ ବିରୋଧ୍‌ଥି ଓଡ଼ିଶା ବେସାକରିକ୍ ସେବା ନିୟମ୍ ୧୯୬୨ ଅଧୀନ୍‌ଥି ଶୃଙ୍ଖଲାଗତ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ଇଥି କୁହାଯାଇଛେ ।

ସର୍ବଦଲୀୟ ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୩ ତାରିଖ୍ ହେବାର୍‌କେ ଥିବା ବିଧାନ୍‌ସଭାର୍ ଅଧିବେଶନ୍ ଆଘୋନୁ ୧୨ ତାରିଖ୍ ଦିନ ସର୍ବଦଲୀୟ ବୈଠକ୍ ହେବା । ଗୃହକେ ସୁର୍‌ଖୁରୁ ଭାବେ ପରିଚାଳନା ଲାଗି ବାଚସ୍ପତିଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଇ ବୈଠକ୍‌ଥି ଭିନ୍ ଭିନ୍ ରାଜନୈତିକ୍ ଦଲ୍‌ର ପ୍ରତିନିଧି ଯୋଗ୍ ଦେଇକରି ମତ ଦିଆନିଆ କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୧୩ ତାରିଖ୍‌ନୁ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ମୁଲ୍ ହେଉଛେ ଆଉ

୧୭ ତାରିଖ୍ ଦିନ ଆଏବା ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରାଯିବା । ଇ ଅଧିବେଶନ୍‌ଥି ୨୮ ଟା କାର୍ଯ୍ୟଦିବସ୍ ରହିଛେ ।

ମେଟ୍ରିକ୍ ପରୀକ୍ଷା-ପ୍ରଶ୍ନପତ୍ର ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ଦ୍ୱାରା ଆଏବା ୨୧ ତାରିଖ୍ ଦିନ ମୁଲ୍ ହେବାର୍‌କେ ଥିବା ମେଟ୍ରିକ୍ ପରୀକ୍ଷା ଲାଗି ଆଏବା ୧୨ ତାରିଖ୍‌ନୁ ନୋଡ଼ାଲ୍ କେନ୍ଦ୍ରମାନ୍‌କୁ ପ୍ରଶ୍ନପତ୍ର ପଠାଯିବା । ଇ ବଛର୍ ପ୍ରଶ୍ନପତ୍ର ପ୍ରଘଟ୍‌କେ ଅଟ୍‌କାବାର୍ ଲାଗି ଖାସ୍ ସିରିଏଲ୍ ନମ୍ବର୍ ରଖାଯାଇଛେ । ପ୍ରଶ୍ନପତ୍ର ପ୍ରଘଟ୍ ହେଲେ ଇ ସିରିଏଲ୍ ନମ୍ବର୍ ଜରିଏ ପରୀକ୍ଷା କେନ୍ଦ୍ରକେ ଚିହ୍ନଟ୍ କରାଯାଇପାର୍‌ବା । ସୂଚ୍‌ନା ଅନ୍‌ସାରେ ୧୨ ନୁ ୧୯ ତାରିଖ୍ ଭିତ୍‌ରେ ସବୁ ନୋଡ଼ାଲ୍ କେନ୍ଦ୍ର ମାନ୍‌କେ ପ୍ରଶ୍ନପତ୍ର ପୁହୁଁଚିବା । ୪ ଥାକିଆ ସ୍କ୍ୱାର୍ଡ଼ ବ୍ୟବସ୍ଥା ସହେତେ ମୋଟ୍ ଶହେ ୭୨ଟା ଟିମ୍ ଇଥିର୍‌ଲାଗି ଗଠନ୍ କରାଯାଇଛେ । ଇ ବଛର୍ ୩୦ ଟା ଜିଲ୍ଲାର୍ ୩ ହଜାର୍ ୨୯ ଟା ପରୀକ୍ଷା କେନ୍ଦ୍ରଥି ୫ ଲାଖ୍ ୨୦ ହଜାର୍ ୬ ଶହ ୪୯ ଝନ୍ ପରୀକ୍ଷା ଦେବେ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ୧୦ ତାରିଖ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଠାନର୍ ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ୍ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପ୍ରଧାନମନ୍ତ୍ରୀ ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ ଦେବେ । ଚର୍ଚ୍ଚାଥି ମାନସିକ୍ ସ୍ୱାସ୍ଥ୍ୟ, ଟେକ୍ନୋଲୋଜି ଆର୍ ଭିନ୍ ଭିନ୍ କ୍ଷେତ୍ରର ବିଶେଷଜ୍ଞମାନେ ଭିଲ୍ ମାର୍ଗଦର୍ଶନ୍ କର୍‌ବେ । ଇ ବଛର୍ ପ୍ରଧାନମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚାର୍ ୮ ନମ୍ବର୍ ଖେପ୍ ହେବା ଆର୍ ଇଟା ୮ଟା ଏପିସୋଡ୍‌ଥି ହେବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଆର୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି ହେବା ।

ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଠାନେ ଥିବା ଓଡ଼ିଶା ରାଜ୍ୟ ସଂଗ୍ରହାଲୟ ନ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ୍ ହେଇଛେ । ଆଏବା ୧୪ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ପ୍ରଦର୍ଶନୀଥି ଭାରତ୍ ସହେତେ ଜର୍ମାନୀ, ଇଂଲଣ୍ଡ୍, ଭିଏତ୍‌ନାମ୍, ସାଉଥ୍‌କୋରିଆ ବାଗିର୍ ଦେଶର୍ ଶିଶୁ ଚିତ୍ରଶିଳ୍ପୀମାନ୍‌କର ଚିତ୍ରକଳାକେ ପଦର୍ଶିତ କରାଯାଇଛେ ।

ପାତାଳି ଶ୍ରୀକ୍ଷେତ୍ର ମହୋତ୍ସବ୍ ଉଦ୍‌ଯାପିତ/ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ କୋଟ୍‌ସମଲେଇ ଠାନେ ତ୍ରିକୁଟ ପାହାଡ଼ ତଲେ ହପ୍ତେ ହେଲା ଚାଲିଥିବା ୨୦ ନମ୍ବର୍ ପାତାଳି ଶ୍ରୀକ୍ଷେତ୍ର ମହୋତ୍ସବ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଜାନୁଆରୀ ୨୯ ତାରିଖ୍‌ନୁ ମୁଲ୍ ହେଇଥିବା ପଂଚକୁଣ୍ଡୀୟ ଯଜ୍ଞ, ଭାଗ୍‌ବତ୍ ସପ୍ତାହ ପୁରାଣ ପାଠ, ଶ୍ରୀଜଗନ୍ନାଥଙ୍କର୍ ୩୨ ବେଶ ଦର୍ଶନ୍ ସହେତେ ୫୬ ପ୍ରହରୀ ଅଖଣ୍ଡ ନାମଯଜ୍ଞର ଆଏଜ ପୂର୍ଣ୍ଣାହୁତି ପଡ଼ିଛେ । ୭ ଦିନ୍ ଧରିକରି ହେଉଥିବା ପାତାଳି ଶ୍ରୀକ୍ଷେତ୍ର ମହୋତ୍ସବ୍‌ଥି ହଜାର୍ ହଜାର୍ ଶ୍ରଦ୍ଧାଳୁ ଯୋଗ୍ ଦେଇଥିଲେ ।

ତୀର୍ଥଯାତ୍ରୀ ବସ୍ ସୁବର୍ଣ୍ଣପୁର / ଦେବ୍‌ଗଡ଼୍ ସମ୍ବାଦଦାତା

 ରାଜ୍ୟ ସର୍କାର୍ଙ୍କର୍ ବରିଷ୍ଠ ନାଗରିକ୍ ତୀର୍ଥ  ଯାତ୍ରା ଯୋଜ୍ନାଥି ଆଏଜ୍ ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ୫୨ ଝନ୍ ତୀର୍ଥଯାତ୍ରୀଙ୍କୁ ନେଇକି ବାହାରିଥିବା ତୀର୍ଥଯାତ୍ରୀ ବସ୍କେ ବୀର୍ମହାରାଜ୍ପୁର୍ ବିଧାୟକ୍ ରଘୁନାଥ ଜଗ୍ଦଲା ଆର୍ ଜିଲ୍ଲାପାଲ୍  ଅନ୍ୟା ଦାସ ଶାଗୁଆ ପତାକା ଦେଖେଇକରି ଶୁଭାରମ୍ଭ କରିଛନ୍ । ଇ ବସ୍ ତୀର୍ଥଯାତ୍ରୀମାନ୍କୁ ନେଇକରି କାମାକ୍ଷା ଆର୍ କୋଲ୍କାତା ଯାତ୍ରା କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସେନ୍ତା ଦେବ୍ଗଡ଼୍ ଜିଲ୍ଲାର୍ ୩ ଟା ବ୍ଲକ୍ ଆର୍ ପୌରାଂଚଲ୍ର ୨୭ ଝନ୍ ବରିଷ୍ଠ ନାଗରିକ୍ଙ୍କୁ ନେଇକରି ତୀର୍ଥଯାତ୍ରୀ ବସ୍ କୋଲ୍କାତା ଆର୍ କାମାକ୍ଷା ଯାତ୍ରା ମୁଲ୍ କରିଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଶାଗୁଆ ପତାକା ଦେଖେଇକରି ଯାତ୍ରାର୍ ଶୁଭାରମ୍ଭ କରିଥିଲେ ।

ଜନଜାତି ଯୁବ ଉଦ୍ୟୋଗୀ-ଶିବିର        ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଆଇଟିଡିଏ ସମ୍ମିଳନୀ କକ୍ଷ ନ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଅଧୀନ୍ଥି ଜନଜାତି ଯୁବ ଉଦ୍ୟୋଗୀମାନ୍କର୍ ୨ ଦିନିଆ ଆବାସିକ ଶିବିର ହେଇଯାଇଛେ । ଶିବିର୍ଥି ୧୧ ଟା ଜନଜାତି ଜୀବିକା

ପରିଷଦ୍ ତରଫ୍ରୁ ଆସିଥିବା ମୋଟ୍ ୨୫ ଝନ୍ ଆଦିବାସୀ ଯୁବଉଦ୍ୟୋଗୀ ଭାଗ୍ ନେଇଥିଲେ ।

ଚକ୍ଷୁ ଚିକିତ୍ସା ଶିବିର୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଯୋଗୀନ୍ଦ୍ର ଦେବ୍ ଉଚ୍ଚବିଦ୍ୟାଳୟ ନ ସର୍କାର୍ଙ୍କର୍ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜ୍ନା ଅଧୀନ୍ଥି ଚକ୍ଷୁ ଚିକିତ୍ସା ଶିବିର୍ ମୁଲ୍ ହେଇଛେ । ଶିବିର୍ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍କୁ ଆଁଖିର୍ ପରୀକ୍ଷା କରାଯାଇକରି କେନ୍ତା ଯତନ୍ ନେବେ ସେ ବାବ୍ଦେ ଜନେଇଥିଲେ ।

ବେଟି ବଚାଓ ବେଟି ପଢ଼ାଓ        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ ବେଟି ବଚାଓ ବେଟି ପଢ଼ାଓ ଅଧୀନ୍ଥି ଗୁଟେ ସାଇକଲ୍ ଆର୍ ମୋଟର୍ ସାଇକଲ୍ ଶୋଭାଯାତ୍ରା ହେଇଯାଇଛେ । ଜିଲ୍ଲା ପ୍ରଶାସନ୍ ଆର୍ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫ୍ରୁ ଆୟୋଜିତ୍ ଇ ଶୋଭାଯାତ୍ରାକେ ଜିଲ୍ଲାପାଲ୍ ସଚିନ୍ ପାୱାର୍ ଶାଗୁଆ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ଆରକ୍ଷୀ ଅଧିକ୍ଷକଙ୍କର୍ କାର୍ଯ୍ୟାଳୟନୁ ବାହାରିଥିବା ଶୋଭାଯାତ୍ରା

ସହର୍ ବୁଲିଥିଲା । ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ମାସେ ତକ୍ ଚାଲ୍‌ବାର୍‌କେ ଥିବାର୍ ଇ ଅଭିଯାନ୍ ଆଏବା ମାସ ୮ ତାରିଖ୍ ଆନ୍ତର୍ଜାତିକ ମହିଲା ଦିବସ୍ ଅବ୍‌ସରେ ଉଦ୍‌ଯାପିତ୍ ହେବା ।

ଭାରତ୍- ଇଂଲଣ୍ଡ କ୍ରିକେଟ୍ ମେଚ-ପ୍ରସ୍ତୁତି ସମୀକ୍ଷା ବୈଠକ୍

ଆର୍‌ଏନ୍‌ୟୁ/ କଟକ୍

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍- ଇଂଲଣ୍ଡ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ପୁଲିସ୍ ସେବା ଭବନ୍ ନ ପ୍ରସ୍ତୁତି ସମୀକ୍ଷା ବୈଠକ୍ ହେଇଯାଇଛେ । ପୁଲିସ୍ କମିଶନର୍ ସୁରେଶ୍ ଦେବଦତ ସିଂ କହିଛନ୍ ଯେ, ଆଏବା କାଏଲ୍ ଦୁହି ଦଲ୍ ଭୁବ୍‌ନେଶ୍ୱର୍ ପୁହୁଁଚିବେ ଆର୍ ପର୍‌ଦିନ ବାରବାଟୀ ଷ୍ଟାଡ଼ିୟମ୍ ନ ଅଭ୍ୟାସ୍ କର୍‌ବେ । ମେଚ୍ ଲାଗି ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ହେବାର୍‌କେ ଥିବାର୍ ବେଲେ ଷ୍ଟାଡ଼ିୟମ୍ ଭିତର୍‌କେ ପାଏନ୍‌ବୁତଲ୍ ନେବାର୍‌ଟା ମନା କରାଯାଇଚେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଛେ ତାତି । ଆଏଜ୍ ରାଏଜର୍ ୧୫ ଟା ସହରର୍ ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିଅସ୍ ଉପ୍‌ରେ ରେକର୍ଡ଼ କରାଯାଇଛେ । ସବୁନୁ ଜହ ତାତି ବଲାଙ୍ଗିର୍ ଆର୍ ମାଲ୍‌କାନ୍‌ଗିରିର୍ ନ ୩୪ ଡିଗ୍ରୀ ରେକର୍ଡ଼ କରାଯାଇଛେ ।